# NATIONAL NEWS BULLETIN (ODIA)

## 12 May - 2026

## Morning Bulletin : 7.15 a.m.

*******************************

## ମୁଖ୍ୟ ସମ୍ବାଦ

- ପଶ୍ଚିମ ଏସିଆ ପରିସ୍ଥିତିକୁ ଦୃଷ୍ଟିରେ ରଖି ଜାତୀୟ ସମ୍ପଦ ଉପରେ ବୋଝ କମ୍ କରିବା ପାଇଁ ଏକତ୍ରୀତ ହେବା ଲାଗି ଦେଶବାସୀଙ୍କୁ ଆହ୍ୱାନ ଦେଲେ ପ୍ରଧାନମନ୍ତ୍ରୀ
- ଦେଶରେ ପ୍ରଚୁର ପରିମାଣର ଖାଦ୍ୟଭଣ୍ଡାର ମହଜୁଦ ରହିଛି; କେନ୍ଦ୍ର କୃଷି ମନ୍ତ୍ରୀ
- ଦ୍ୱିତୀୟଥର ପାଇଁ ଆସାମର ମୁଖ୍ୟମନ୍ତ୍ରୀ ଭାବେ ଆଜି ଶପଥ ଗ୍ରହଣ କରିବେ ହିମନ୍ତ ବିଶ୍ୱ ଶର୍ମା

ଏବଂ

- ଆଇପିଏଲ୍ କ୍ରିକେଟରେ ଗତକାଲିର ମ୍ୟାଚ୍‌ରେ ପଞ୍ଜାବ୍ କିଙ୍ଗ୍‌ସକୁ ୩ ୱିକେଟ୍‌ରେ ପରାସ୍ତ କଲା ଦିଲ୍ଲୀ କ୍ୟାପିଟାଲ୍ସ

## ପିଏମ୍-ଭଦୋଦରା

ପଶ୍ଚିମ ଏସିଆ ପରିସ୍ଥିତିକୁ ଚଳିତ ଦଶନ୍ଧିର ସବୁଠୁ ସଂକଟ ଭାବରେ ବର୍ଣ୍ଣନା କରି ଦେଶବାସୀଙ୍କୁ ଜାତୀୟ ସମ୍ପଦ ଉପରେ ବୋଝ କମ କରିବା ପାଇଁ ଏକତ୍ରୀତ ହେବା ଲାଗି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆହ୍ୱାନ ଦେଇଛନ୍ତି। ଗତକାଲି ଭଦୋଦରାରେ ସର୍ଦ୍ଦାର ଧାମ୍ ଛାତ୍ରାବାସର ଉଦ୍‌ଘାଟନ ଅବସରରେ ପ୍ରଧାନମନ୍ତ୍ରୀ କହିଛନ୍ତି, ଆମ ସମସ୍ତଙ୍କୁ ଆମର କର୍ତ୍ତବ୍ୟ ପାଳନ କରିବାକୁ ହେବ ଏବଂ ଦେଶର ସମ୍ପଦ ଉପରେ ବୋଝ କମ୍ କରିବା ଲାଗି ଏକତ୍ର ହୋଇ କାର୍ଯ୍ୟ କରିବାକୁ ପଡ଼ିବ। ସେ କହିଛନ୍ତି, ବିଦେଶରୁ ଆମଦାନୀ ହେଉଥିବା ଉତ୍ପାଦର ବ୍ୟବହାର କମ୍ କରି ବିଦେଶୀ ମୁଦ୍ରା ଖର୍ଚ୍ଚ ହେଉଥିବା କାର୍ଯ୍ୟରୁ ଦୂରେଇ ରହିବାକୁ ହେବ। ପ୍ରଧାନମନ୍ତ୍ରୀ ମୋଦୀ ଏହି ଅବସରରେ 'ଭୋକାଲ୍ ଫର୍ ଲୋକାଲ' ଉପରେ ଗୁରୁତ୍ୱ ଦେଇ ସ୍ଥାନୀୟ ଉତ୍ପାଦ ବ୍ୟବହାରକୁ ଅଧିକ କରିବା ଲାଗି ଆହ୍ୱାନ ଦେଇଛନ୍ତି। ପ୍ରଧାନମନ୍ତ୍ରୀ କହିଛନ୍ତି, ଏହାଦ୍ୱାରା ସ୍ଥାନୀୟ ଉଦ୍ୟୋଗୀମାନେ ମଧ୍ୟ ସଶକ୍ତ ହୋଇପାରିବେ।

## ସୁପ୍ରିମକୋର୍ଟଙ୍କ ପରାମର୍ଶ

ବିଚାରାଧୀନ ଆଗୁଆ ତଥା ନିୟମିତ ଜାମିନ ଆବେଦନ ଗୁଡ଼ିକର ତ୍ୱରିତ ଶୁଣାଣି ପାଇଁ ଦେଶର ସବୁ ହାଇକୋର୍ଟଙ୍କୁ ସୁପ୍ରିମକୋର୍ଟ ପରାମର୍ଶ ଦେଇଛନ୍ତି । ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତ ଏବଂ ଜଷ୍ଟିସ

ଜୟମାଲ୍ୟ ବାଗ୍‌ଚୀଙ୍କ ଖଣ୍ଡପୀଠରେ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଜାମିନ ଆବେଦନ ଗୁଡ଼ିକର ଶୁଣାଣି ଶେଷ କରିବାକୁ କହିଛନ୍ତି । ଆବେଦନ ଦାଖଲର ପରଦିନ କିମ୍ବା ଅତି ବେଶୀରେ ସପ୍ତାହକ ମଧ୍ୟରେ ଶୁଣାଣି ପାଇଁ ତାଲିକାଭୁକ୍ତ କରିବାକୁ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି । ଆବେଦନର ପ୍ରଥମ ଶୁଣାଣି ପରେ ସ୍ଥିତାବସ୍ଥା ରିପୋର୍ଟ ଦାଖଲ କରିବା ବାଧ୍ୟତାମୂଳକ ବୋଲି ଖଣ୍ଡପୀଠ କହିଛନ୍ତି ।

## ଚୌହାନ ନଡ୍ଡା ସିହତ୍

କେନ୍ଦ୍ର କୃଷି ଏବଂ କୃଷକ କଲ୍ୟାଣ ମନ୍ତ୍ରୀ ଶିବରାଜ ସିଂହ ଚୌହାନ କହିଛନ୍ତି, ଭାରତରେ ପ୍ରଚୁର ପରିମାଣର ଖାଦ୍ୟ ଭଣ୍ଡାର ରହିଛି ଏବଂ ଦେଶରେ ଖାଦ୍ୟାଭାବ ନାହିଁ। ନୂଆଦିଲ୍ଲୀରେ ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରୀ ଜଗତ ପ୍ରକାଶ ନଡ୍ଡାଙ୍କ ସହ ମିଳିତ ଭାବେ କୃଷି ପରିବର୍ତ୍ତନ ମାଧ୍ୟମରେ ସ୍ୱାସ୍ଥ୍ୟ ପାଇଁ ବିଜ୍ଞାନର ଉତ୍କର୍ଷତା କାର୍ଯ୍ୟକ୍ରମରେ ମନ୍ତ୍ରୀ ଶ୍ରୀ ଚୌହାନ କହିଛନ୍ତି, ଭାରତୀୟ କୃଷି ଗବେଷଣା ପରିଷଦ – ଆଇ.ସି.ଏ.ଆର୍. ଏବଂ ଭାରତୀୟ ଚିକିତ୍ସା ଗବେଷଣା ପରିଷଦ– ଆଇ.ସି.ଏମ୍.ଆର୍. ମିଳିତ ଭାବେ ଆରମ୍ଭ କରିଥିବା କରାଯାଇଥିବା ଏହି ପ୍ରୟାସ ଲୋକଙ୍କ ସୁସ୍ଥ ଜୀବନଶୈଳୀକୁ ସଂଗଠିତ କରିବ।

କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଜେ.ପି. ନଡ୍ଡା କହିଛନ୍ତି, ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ସରକାର ଉଚ୍ଚମାନର ସ୍ୱାସ୍ଥ୍ୟସେବା ଯୋଗାଇ

ଦେବା ସହ ରୋଗ ନିରୂପଣ ଏବଂ ନିରାକରଣ ଦିଗରେ ଅନେକଗୁଡ଼ିକ ପଦକ୍ଷେପ ଗ୍ରହଣ କରୁଛନ୍ତି।

## ପିଏମ୍- ଫାଇଭ୍ ନେସନ୍ ଟୁର୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶୁକ୍ରବାରଠାରୁ ୬ ଦିନିକିଆ ଗସ୍ତରେ ସଂଯୁକ୍ତ ଆରବ ଏମିରେଟ୍ସ, ନେଦରଲ୍ୟାଣ୍ଡସ୍, ସ୍ୱିଡେନ୍, ନରୱେ ଏବଂ ଇଟାଲୀକୁ ଯିବେ। ପାଞ୍ଚଟି ରାଷ୍ଟ୍ର ଗସ୍ତର ପ୍ରଥମ ପର୍ଯ୍ୟାୟରେ ଶ୍ରୀ ମୋଦି ଶୁକ୍ରବାର ୟୁଏଇରେ ପହଞ୍ଚିବା ପରେ ରାଷ୍ଟ୍ରପତି ଶେଖ୍ ମହମ୍ମଦ ବିନ୍ ଜାଏଦ୍ ଅଲ୍ ନାହ୍ୟାନଙ୍କୁ ସାକ୍ଷାତ କରିବେ। ଉଭୟ ନେତା ଦ୍ୱିପାକ୍ଷିକ ପ୍ରସଙ୍ଗ, ବିଶେଷକରି ଶକ୍ତି ସହଯୋଗ ଏବଂ ପାରସ୍ପରିକ ସ୍ୱାର୍ଥ ଜଡ଼ିତ ଆଞ୍ଚଳିକ ଓ ଅନ୍ତର୍ଜାତୀୟ ପ୍ରସଙ୍ଗ ଉପରେ ମତ ବିନିମୟ କରିବେ। ଗସ୍ତର ଦ୍ୱିତୀୟ ପର୍ଯ୍ୟାୟରେ ପ୍ରଧାନମନ୍ତ୍ରୀ ଶୁକ୍ରବାର ନେଦରଲ୍ୟାଣ୍ଡସ୍‌ରେ ପହଞ୍ଚିବେ। ୨୦୧୭ ପରେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ଏହା ନେଦରଲ୍ୟାଣ୍ଡସ୍‌କୁ ଦ୍ୱିତୀୟ ଗସ୍ତ ହେବ। ଶ୍ରୀ ମୋଦୀ’ ସେଠାରେ ରାଜା ଓ୍ୱିଲିୟମ୍-ଆଲେକ୍‌ଜାଣ୍ଡାର ଏବଂ ରାଣୀ ମାକ୍ସିମାଙ୍କୁ ସାକ୍ଷାତ କରିବା ସହ ପ୍ରଧାନମନ୍ତ୍ରୀ’ ରବ ଜେଟେନଙ୍କ ସହ ଆଲୋଚନା କରିବେ। ଆଲୋଚନାରେ ପ୍ରତିରକ୍ଷା, ସୁରକ୍ଷା, ନବସୃଜନ, ସବୁଜ ହାଇଡ୍ରୋଜେନ୍, ସେମିକଣ୍ଡକ୍ଟର ଆଦି ପ୍ରସଙ୍ଗ ଉପରେ ଗୁରୁତ୍ୱ ଦିଆଯିବ। ଗସ୍ତର ତୃତୀୟ

ପର୍ଯ୍ୟାୟରେ, ଶ୍ରୀ ମୋଦି ରବିବାର ଦିନ ସ୍ୱିଡେନର ଗୋଥେନବର୍ଗ ଯାତ୍ରା କରିବେ ।

ଶ୍ରୀ ମୋଦୀ ସେ ତାଙ୍କର ସ୍ୱିଡିଶ ପ୍ରତିପକ୍ଷ ଉଲଫ୍ କ୍ରିଷ୍ଟରସନଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା କରିବା ସହିତ ଉଭୟ ଦେଶ ମଧ୍ୟରେ ବାଣିଜ୍ୟ ବୃଦ୍ଧି କରିବା ପାଇଁ ଏ.ଆଇ, ପ୍ରଯୁକ୍ତିବିଦ୍ୟା, ଷ୍ଟାର୍ଟଅପ୍, ଯୋଗାଣ ଶୃଙ୍ଖଳ, ପ୍ରତିରକ୍ଷା, ମହାକାଶ, ଜଳବାୟୁ ଆଦି ପ୍ରସଙ୍ଗ ଉପରେ ଗୁରୁତ୍ୱ ଦେବେ । ଗସ୍ତର ଚତୁର୍ଥ ପର୍ଯ୍ୟାୟରେ ପ୍ରଧାନମନ୍ତ୍ରୀ ସୋମବାର ଦିନ ତୃତୀୟ ଭାରତ-ନୋର୍ଡିକ୍ ଶିଖର ସମ୍ମିଳନୀ ଏବଂ ଦ୍ୱିପାକ୍ଷିକ ସମ୍ପର୍କ ପାଇଁ ନରୱେରେ ପହଞ୍ଚିବେ । ପ୍ରଧାନମନ୍ତ୍ରୀ ମୋଦୀଙ୍କ ଏହା ପ୍ରଥମ ନରୱେ ଗସ୍ତ ହେବ ଏବଂ ୪୩ ବର୍ଷ ମଧ୍ୟରେ ଭାରତରୁ ନରୱେକୁ ପ୍ରଥମ ପ୍ରଧାନମନ୍ତ୍ରୀସ୍ତରୀୟ ଗସ୍ତ ହେବ । ପ୍ରଧାନମନ୍ତ୍ରୀ ରାଜା ହରାଲ୍ଡ ପଞ୍ଚମ ଏବଂ ରାଣୀ ସୋନଜାଙ୍କୁ ସାକ୍ଷାତ କରିବେ । ଶ୍ରୀ ମୋଦୀ' ନରୱେ ପ୍ରଧାନମନ୍ତ୍ରୀ ଜୋନାସ୍ ଗହର ଷ୍ଟୋରଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା କରିବେ । ପ୍ରଧାନମନ୍ତ୍ରୀ ମୋଦୀ' ନରୱେ ପ୍ରଧାନମନ୍ତ୍ରୀଙ୍କ ସହିତ ଭାରତ-ନରୱେ ବ୍ୟବସାୟ ଏବଂ ଗବେଷଣା ଶିଖର ସମ୍ମିଳନୀରେ ମଧ୍ୟଉଦବୋଧନ ଦେବେ । ଗସ୍ତର ଶେଷ ପର୍ଯ୍ୟାୟରେ ଚଳିତ ମାସ ୧୯ ତାରିଖରୁ ପ୍ରଧାନମନ୍ତ୍ରୀ ଇଟାଲୀ ଗସ୍ତରେ ଯାଇ ରାଷ୍ଟ୍ରପତି ସର୍ଗିଓ ମାଟାରେଲା ଓ ପ୍ରଧାନମନ୍ତ୍ରୀ ଜର୍ଜିଆ ମେଲୋନିଙ୍କ ସହ ଆଲୋଚନା କରିବେ ।

# ଆସାମ-ଶପଥଗ୍ରହଣ

ଆସାମରେ ନୂତନ ମୁଖ୍ୟମନ୍ତ୍ରୀ ଭାବେ ଏନ୍‌ଡିଏ ନବନିର୍ବାଚିତ ବିଧାୟକ ଦଳ ନେତା ହିମନ୍ତ ବିଶ୍ୱଶର୍ମା ଆଜି ଶପଥଗ୍ରହଣ କରିବେ। ଖାନପଡାଠାରେ ପଶୁ ଚିକିତ୍ସାଳୟ ପଡ଼ିଆରେ ଅନୁଷ୍ଠିତ ହେବାକୁ ଥିବା ଶପଥଗ୍ରହଣ ସମାରୋହରେ ରାଜ୍ୟପାଳ ଲକ୍ଷ୍ମଣପ୍ରସାଦ ଆଚାର୍ଯ୍ୟ ଶ୍ରୀ ବିଶ୍ୱଶର୍ମାଙ୍କୁ ପଦ ଓ ଗୋପନୀୟତାର ଶପଥପାଠ କରାଇବେ । ତାଙ୍କ ସହିତ ଅନ୍ୟ ୪ଜଣ ମନ୍ତ୍ରିପରିଷଦ ସଦସ୍ୟ ଭାବେ ଶପଥଗ୍ରହଣ କରିବାର କାର୍ଯ୍ୟସୂଚୀ ରହିଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସମେତ କେନ୍ଦ୍ର ମନ୍ତ୍ରିମଣ୍ଡଳର ବହୁ ସଦସ୍ୟ ଏବଂ ବିଜେପି ତଥା ଏନ୍‌ଡିଏ ଶାସନାଧୀନ ରାଜ୍ୟ ଗୁଡ଼ିକର ମୁଖ୍ୟମନ୍ତ୍ରୀ ଯୋଗଦେବେ ।

# ଇଣ୍ଟର ମିନିଷ୍ଟ୍ରିଆଲ ବ୍ରିଫିଂ

ଦେଶରେ ପେଟ୍ରୋଲ ଏବଂ ଡିଜେଲ ମହଜୁଦ ରହିଛି ଓ ନିରନ୍ତର ଭାବେ ଏଲ୍.ପି.ଜି. ବିତରଣ କରାଯାଉଥିବା ସରକାରଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ପଶ୍ଚିମ ଏସିଆ ପରିସ୍ଥିତି ନେଇ ଆନ୍ତଃ ମନ୍ତ୍ରଣାଳୟ ଗୋଷ୍ଠୀ ପକ୍ଷରୁ ଗତକାଲି ନୂଆଦିଲ୍ଲୀରେ ଦିଆଯାଇଥିବା ସୂଚନା ଅନୁଯାୟୀ, ଗତ ୩ ଦିନ ମଧ୍ୟରେ ୧ କୋଟି ୨୬ ଲକ୍ଷରୁ ଅଧିକ ଏଲ୍.ପି.ଜି. ସିଲିଣ୍ଡର ବିତରଣ କରାଯାଇଛି। ଦେଶର ସମସ୍ତ ବିଶୋଧନାଗାର ନିରନ୍ତର ଭାବେ କାର୍ଯ୍ୟ କରୁଛନ୍ତି। ୨୦୨୬ ଖରିଫ ଋତୁ ପାଇଁ ୫୧ ପ୍ରତିଶତରୁ ଅଧିକ

ସାର ମହଜୁଦ ରହିଥିବା କେନ୍ଦ୍ର ରସାୟନ ଓ ସାର ମନ୍ତ୍ରଣାଳୟର ଅତିରିକ୍ତ ସଚିବ ଅପର୍ଣ୍ଣା ଶର୍ମା କହିଛନ୍ତି। ପ୍ରାୟ ୯୭ ଲକ୍ଷ ମେଟ୍ରିକ ଟନ୍‌ରୁ ଅଧିକ ସାର ମହଜୁଦ ରହିଥିବା ସୂଚନା ମିଳିଛି।

ଅନ୍ୟପକ୍ଷରେ ବିଦେଶରେ ପରିବହନ କରୁଥିବା ଭାରତୀୟ ଜାହାଜ ଏବଂ କର୍ମଚାରୀମାନେ ସୁରକ୍ଷିତ ରହିଥିବା ଜଣାପଡ଼ିଛି। ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର ଜୟସ୍ୱାଲ କହିଛନ୍ତି, ଭାରତୀୟ ଜାହାଜଗୁଡ଼ିକର ସୁରକ୍ଷିତ ଯାତ୍ରା ସୁନିଶ୍ଚିତ କରିବା ପାଇଁ ଇରାନ୍‌ର ଅଧିକାରୀମାନଙ୍କ ସହ ମନ୍ତ୍ରଣାଳୟ ଯୋଗାଯୋଗରେ ରହିଛି। ଏ ପର୍ଯ୍ୟନ୍ତ ୧୧ଟି ଭାରତୀୟ ଜାହାଜ ଭାରତ ପ୍ରତ୍ୟାବର୍ତ୍ତନ କରିଥିବା ବେଳେ ୧୩ଟି ଜାହାଜ ଭାରତ ଚଳାଚଳ କରୁଛି। ୨ ହଜାର ୫୦୦ରୁ ଅଧିକ ଭାରତୀୟଙ୍କୁ ବିଭିନ୍ନ ମାର୍ଗ ଦେଇ ଦେଶକୁ ଅଣାଯାଇଥିବା ଶ୍ରୀ ଜୟସ୍ୱାଲ କହିଛନ୍ତି।

## ଟ୍ରମ୍ପ-ଚାଇନା ଭିଜିଟ୍

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଚୀନ ଗସ୍ତ ପୂର୍ବରୁ କହିଛନ୍ତି, ସେ ରାଷ୍ଟ୍ରପତି ସି ଜିନପିଙ୍ଗଙ୍କ ସହ ସାକ୍ଷାତ ଆଲୋଚନାରୁ ସୁଫଳ ପାଇବା ଲାଗି ଆଶା ରଖିଛନ୍ତି। ଶ୍ରୀ ଟ୍ରମ୍ପ କହିଛନ୍ତି, ସି ଜିନପିଙ୍ଗଙ୍କ ସହ ତାଙ୍କର ଉତ୍ତମ ସମ୍ପର୍କ ରହିଛି ଏବଂ ଇରାନ ତୈଳ ଉପରେ ନିର୍ଭରଶୀଳତା ସତ୍ତ୍ୱେ

ଇରାନରୁ ଚୀନକୁ କୌଣସି ଜାହାଜ ପଠାଯାଇନାହିଁ।  ଗତ ବର୍ଷ ଚୀନ୍ ଉପରେ ଆମେରିକା ପକ୍ଷରୁ ଅଧିକ ଶୁଳ୍କ ଲାଗୁ କରାଯାଇଥିଲେ ମଧ୍ୟ ଉଭୟ ଦେଶ ବାଣିଜ୍ୟିକ ସମ୍ପର୍କକୁ ସ୍ଥିରତା ପ୍ରଦାନ ଲାଗି ଉଦ୍ୟମ କରୁଥିବା ଶ୍ରୀ ଟ୍ରମ୍ପ କହିଛନ୍ତି।  ଆମେରିକା ରାଷ୍ଟ୍ରପତିଙ୍କ ସହ ସେଠାକାର ଏକ ବ୍ୟବସାୟିକ ପ୍ରତିନିଧିମଣ୍ଡଳୀ ମଧ୍ୟ ଏହି ଗସ୍ତରେ ଯୋଗ ଦେଇଛନ୍ତି। ଏହି ଗସ୍ତ କାଳରେ ଉଭୟ ଆମେରିକା ଓ ଚୀନ୍‌ର ରାଷ୍ଟ୍ରପତି ଦ୍ୱିପାକ୍ଷିକ ବୈଠକରେ ବିଭିନ୍ନ ବିଶ୍ୱସ୍ତରୀୟ ପ୍ରସଙ୍ଗ ଉପରେ  ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି।

## ୟୁଏସ୍-ଇରାନ୍ ସିଜ୍‌ଫାୟାର

ଆମେରିକାର ରାଷ୍ଟ୍ରପତି ଡୋନାଲ୍‌ଡ ଟ୍ରମ୍ପ’ ଓ୍ୱାଶିଂଟନ ଏବଂ ତେହେରାନ ମଧ୍ୟରେ ଯୁଦ୍ଧବିରତି ଦୁର୍ବଳ ସ୍ଥିତିରେ ଥିବା ମତବ୍ୟକ୍ତ କରିବା ପରେ ତୈଳ ବଜାରରେ ଅନିୟମିତତା  ଦେଖାଦେଇଛି। ରାଷ୍ଟ୍ରପତି ଟ୍ରମ୍ପଙ୍କ ଏଭଳି ମନ୍ତବ୍ୟ ଯୋଗୁଁ ଦୁଇ ଦେଶ ମଧ୍ୟରେ ଶାନ୍ତି ପ୍ରସ୍ତାବ ଆଲୋଚନା ମଧ୍ୟ ବିଫଳତା ଆଡ଼କୁ ଗତି କରିଛି। ଆମେରିକାର ଶାନ୍ତି ପ୍ରସ୍ତାବ ପ୍ରତି ଇରାନ୍ ନିଜର ପ୍ରତିକ୍ରିୟାରେ ଶତ୍ରୁତା ଆଚରଣ ବନ୍ଦ କରିବା, ଜବତ ସମ୍ପତ୍ତି ମୁକ୍ତ କରିବା, ନୌସେନା ଅବରୋଧ ସମାପ୍ତ କରିବା ଏବଂ ହର୍ମୁଜ ପ୍ରଣାଳୀରେ ଇରାନର ପରିଚାଳନାକୁ ସ୍ୱୀକୃତି ଦେବା ପାଇଁ କହିଥିଲା। ତେବେ ରାଷ୍ଟ୍ରପତି ଟ୍ରମ୍ପ ତେହେରାନର ସବୁ ସର୍ତ୍ତଗୁଡ଼ିକୁ ସମ୍ପୂର୍ଣ୍ଣ ଭାବରେ

ପ୍ରତ୍ୟାଖ୍ୟାନ କରିଥିଲେ। ଫଳରେ ଅଶୋଧିତ ତୈଳ ମୂଲ୍ୟ ଚାରି ପ୍ରତିଶତରୁ ଅଧିକ ବୃଦ୍ଧି ପାଇ ବ୍ୟାରେଲ ପିଛା ୧୦୫ ଡଲାରରେ ପହଞ୍ଚିଥିଲା।

## ଆଇପିଏଲ୍

ଆଇପିଏଲ୍ କ୍ରିକେଟରେ ଗତକାଲି ଧର୍ମଶାଳାର ହିମାଚଳ ପ୍ରଦେଶ କ୍ରିକେଟ ଆସୋସିଏସନ୍ ଷ୍ଟାଡିୟମ୍‌ରେ ଅନୁଷ୍ଠିତ ମ୍ୟାଚ୍‌ରେ ଦିଲ୍ଲୀ କ୍ୟାପିଟାଲ୍ସ ୩ ୱିକେଟ୍‌ରେ  ପଞ୍ଜାବ କିଙ୍ଗ୍‌ସକୁ ପରାସ୍ତ କରିଛି। ୨୧୧ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ଦିଲ୍ଲୀ କ୍ୟାପିଟାଲ୍ସ ୧୯ ଓଭରରେ ୭ ୱିକେଟ୍ ବିନିମୟରେ ୨୧୬ ରନ୍ ସଂଗ୍ରହ କରିଥିଲା। ପ୍ରଥମେ ବ୍ୟାଟିଂ କରି ପଞ୍ଜାବ କିଙ୍ଗ୍‌ସ ୨୦ ଓଭରରେ ୫ ୱିକେଟ୍ ବିନିମୟରେ ୨୧୦ ରନ୍ ସ୍କୋର କରିଥିଲା। ମାଧବ ତିୱାରୀଙ୍କୁ **ପ୍ଲେୟାର ଅଫ୍ ଦ ମ୍ୟାଚ୍** ଘୋଷଣା କରାଯାଇଥିଲା।

ଆଜି ଅହମ୍ମଦାବାଦର ନରେନ୍ଦ୍ର ମୋଦୀ ଷ୍ଟାଡିୟମ୍‌ରେ ସନ୍ଧ୍ୟା ୭ଟା ୩୦ ମିନିଟ୍‌ରେ ଗୁଜୁରାଟ୍ ଟାଇଟାନ୍ସ ଏବଂ ସନ୍‌ରାଇଜର୍ସ ହାଇଦ୍ରାବାଦ ମଧ୍ୟରେ ମୁକାବିଲା ହେବ।